# ଅଧ୍ୟାୟ VI

# ଅନୁପାଳନ ସମୀକ୍ଷା ମନ୍ତବ୍ୟ

# ଅଧ୍ୟାୟ VI

## 6. ଅନୁପାଳନ ସମୀକ୍ଷା ମନ୍ତବ୍ୟ

ରାଜ୍ୟ ସରକାରୀ ଉଦ୍ୟୋଗଗୁଡିକର କାରବାରର ନମୁନା ସମୀକ୍ଷାରୁ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ସିଦ୍ଧାନ୍ତ ଏହି ଅଧ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଅଛି ।

## ଓଡିଶା ଖଣି ନିଗମ ଲିମିଟେଡ୍

### *6.1 ରାଜସ୍ୱ କ୍ଷତି*

**ବକ୍ସାଇଟର ସର୍ବନିମ୍ନ ମୂଲ୍ୟର ଅନୁପଯୁକ୍ତ ନିର୍ଦ୍ଧାରଣ କାରଣରୁ 61.06 କୋଟି ଟଙ୍କା କ୍ଷତି**

ଓଡିଶା ସରକାର ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି)କୁ 428.075 ହେକ୍ଟରର ଓଡିଶାର କୋରାପୁଟ ଓ ରାୟଗଡା ଜିଲ୍ଲା ସ୍ଥିତ କୋଡିଙ୍ଗମାଳି ବକ୍ସାଇଟ ବ୍ଲକର ଖଣି ପଟ୍ଟା 50 ବର୍ଷ ଅବଧି ପାଇଁ ପ୍ରଦାନ କରିଥିଲେ। ବକ୍ସାଇଟ ଖନନ କରି ଆଲୁମିନିୟମ ଶିଳ୍ପ ସଂସ୍ଥାମାନଙ୍କୁ ବିକ୍ରୟ ନିମିତ୍ତ ଓଡିଶା ସରକାର ଓଏମ୍‌ସି ସହ ପଟ୍ଟା ଚୁକ୍ତି ଜାନୁଆରୀ 2017ରେ କରିଥିଲେ। ଭାରତୀୟ ଖଣି ସଂସ୍ଥା (ଆଇବିଏମ୍) ଆନୁମାନିକ 611 ଲକ୍ଷ ଟନ୍ ବକ୍ସାଇଟ ଗଚ୍ଛିତ ଥିବା ପଟ୍ଟା ଅଞ୍ଚଳ ପାଇଁ ଖଣି ଖନନ ଯୋଜନା ଅନୁମୋଦନ କରିଥିଲେ। ପ୍ରଥମ ବର୍ଷ 15 ଲକ୍ଷ ଟନ୍ ଓ ପରବର୍ତ୍ତୀ ସମୟରେ ବାର୍ଷିକ 30 ଲକ୍ଷ ଟନ୍ ସହ 21 ବର୍ଷ ପାଇଁ ଖଣି ଖନନ ନିମନ୍ତେ ଆଇବିଏମ୍ ଅନୁମୋଦନ କରିଥିଲେ।

କଞ୍ଚାମାଲର ଦୀର୍ଘମିଆଦି ସଂଯୋଗ (ଏଲ୍‌ଟିଏଲ୍)[47] ଦ୍ୱାରା ଅବିରତ ଯୋଗାଣ ନିମିତ୍ତ ଓଡିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ବକ୍ସାଇଟ ଖଣିଜପଥର ବିକ୍ରୟ ପାଇଁ ଫେବୃୟାରୀ 2018ରେ କ୍ରିୟାବିଧି ନିର୍ଦ୍ଧାରଣ କରିଥିଲେ। କ୍ରିୟାବିଧି ଅନୁଯାୟୀ, ବିକ୍ରୟଯୋଗ୍ୟ ବକ୍ସାଇଟ ଜମାର 70 ପ୍ରତିଶତ ରାଜ୍ୟ ଭିତିକ ଶେଷ ଉପଭୋକ୍ତାଙ୍କୁ ଏଲ୍‌ଟିଏଲ୍ ଜରିଆରେ ଉପଲବ୍ଧ କରାଯିବ ଏବଂ ଅବଶିଷ୍ଟ 30 ପ୍ରତିଶତ ଜାତୀୟ ବୈଦ୍ୟୁତିକ ନିଲାମ ମାଧ୍ୟମରେ ପ୍ରତି ଛଅ ମାସରେ ମୂଲ୍ୟ ନିର୍ଦ୍ଧାରଣ ପାଇଁ ବିକ୍ରୟ କରାଯିବ। ଜାତୀୟ ବୈଦ୍ୟୁତିକ ନିଲାମର ସର୍ବନିମ୍ନ ମୂଲ୍ୟ ଉତ୍ପାଦନ ଖର୍ଚ୍ଚରେ 50 ପ୍ରତିଶତ ଲାଭ ମିଶାଇ ସ୍ଥିର କରାଯିବ।

ଓଏମ୍‌ସି ବକ୍ସାଇଟ ଖଣି ଖନନ କାର୍ଯ୍ୟ ଜନୈକ ଠିକାଦାରଙ୍କୁ ସେପ୍ଟେମ୍ବର 2017ରେ ପ୍ରଦାନ କରିଥିଲେ। ଖୋଦିତ ଖଣି ଅଞ୍ଚଳକୁ ପୂରଣ[48] କରିବା ପାଇଁ ଘନ ମିଟର ପିଛା ବର୍ଦ୍ଧିତ ବା ହ୍ରାସ ହୋଇଥିବା ଦରର 61 ପ୍ରତିଶତ ଖଣି ଖନନ ଠିକାଦାରଙ୍କୁ ପ୍ରଦାନ କରିବାକୁ ଓଏମ୍‌ସି ଓ ଠିକାଦାର ମଧ୍ୟରେ ହୋଇଥିବା ଚୁକ୍ତିରେ ଉଲ୍ଲେଖ ରହିଥିଲା। ସେହିପରି, ବିନିଯୁକ୍ତ ପୁଞ୍ଜି ଉପରେ ସୁଧ ବାବଦକୁ ଓଏମ୍‌ସି ଲୌହପଥର ଉତ୍ତୋଳନର ଅଟକଳ ମୂଲ୍ୟରେ ବିନିଯୁକ୍ତ ପୁଞ୍ଜିର 10 ପ୍ରତିଶତ ଅନ୍ତର୍ଭୁକ୍ତ କରୁଥିଲା। ଓଏମ୍‌ସି ସହନୀୟ ଉନ୍ନୟନ ଢ଼ାଞ୍ଚା (ଏସ୍‌ଡିଏଫ୍)ର ପରିବ୍ୟୟ ତୃତୀୟ ନିଲାମରେ ମଧ୍ୟ ଅନ୍ତର୍ଭୁକ୍ତ କରୁଥିଲା ଯାହାକି ରାଜଭାଗର 10 ପ୍ରତିଶତ ଥିଲା। ଏଣୁ, ଏହିପରି ସ୍ଥିତିରେ ଉତ୍ପାଦନ ଖର୍ଚ୍ଚର ଅଟକଳରେ ପରିବ୍ୟୟର ସମସ୍ତ ଉପାଦାନ ଯଥା ଖୋଦିତ ଖଣି ଅଞ୍ଚଳକୁ ପୂରଣ କରିବା ଖର୍ଚ୍ଚ, ବିନିଯୁକ୍ତ ପୁଞ୍ଜି ଉପରେ ସୁଧ, ଏସ୍‌ଡିଏଫ୍, ବକ୍ସାଇଟ ଉତ୍ତୋଳନ ଓ ଆଲୁମିନିୟମ ଶିଳ୍ପ ସଂସ୍ଥାକୁ ବିକ୍ରି ବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିଶ୍ଚିତ ଅନ୍ତର୍ଭୁକ୍ତ କରିବାର ଥିଲା।

---

47 *ଦୀର୍ଘମିଆଦି ସଂଯୋଗର ଅର୍ଥ ହେଉଛି ଜଣେ ନିର୍ଦ୍ଦିଷ୍ଟ କ୍ରେତାଙ୍କର ଆବଶ୍ୟକତାକୁ ଏକ ନିର୍ଦ୍ଦିଷ୍ଟ ଖଣିର ଉତ୍ପାଦନରୁ ଦୀର୍ଘମିଆଦି ଭିତ୍ତିରେ ଯୋଗାଣ*

48 *ଖଣି ଖନନ ଦ୍ୱାରା ସୃଷ୍ଟି ହେଉଥିବା ଗର୍ତ୍ତକୁ ପୂର୍ଣ୍ଣ କରିବାକୁ ଖୋଦିତ ଖଣି ଅଞ୍ଚଳର ପୂରଣ କୁହାଯାଏ*

ସରକାରଙ୍କ ଅଧିସୂଚନା ଅନୁଯାୟୀ, ଗତ ତିନୋଟି ବୈଦ୍ୟୁତିକ ନିଲାମ[49] ପାଇଁ ଓଏମ୍‌ସି ବକ୍ସାଇଟର ସର୍ବନିମ୍ନ ମୂଲ୍ୟ ଟନ୍ ପିଛା 462 ଟଙ୍କା, 547 ଟଙ୍କା 50 ପଇସା ଓ 672 ଟଙ୍କା 65 ପଇସା ନିର୍ଦ୍ଧାରଣ କରିଥିଲା। ବୈଦ୍ୟୁତିକ ନିଲାମ ପରବର୍ତ୍ତୀ ଚୂଡ଼ାନ୍ତ ମୂଲ୍ୟ ଟନ୍ ପ୍ରତି ଯଥାକ୍ରମେ 465 ଟଙ୍କା, 553 ଟଙ୍କା ଓ 673 ଟଙ୍କା ହୋଇଥିଲା। ତିନୋଟି ବୈଦ୍ୟୁତିକ ନିଲାମରେ ଅପ୍ରେଲ 2018ରୁ ଜୁଲାଇ 2019 ମଧ୍ୟରେ ଓଏମ୍‌ସି 31,86,277[50] ଟନ୍ ବକ୍ସାଇଟ ବିକ୍ରୟ କରିଥିଲା।

ସମୀକ୍ଷାରେ ଦେଖାଗଲା ଯେ, ଓଏମ୍‌ସି ଏହାର ମୂଲ୍ୟ ସଠିକ ଭାବରେ ହିସାବ କରିବାରେ ବିଫଳ ହେବାରୁ ମୂଲ୍ୟ ନିର୍ଦ୍ଧାରଣ କମ୍ ହୋଇଯାଇଥିଲା ଯାହାକି ନିମ୍ନରେ ସବିଶେଷ ଦିଆଗଲା:

- ବାର୍ଷିକ ଆମୋରଟାଇଜେସନ ଖର୍ଚ୍ଚ ବକ୍ସାଇଟ୍ ଉତ୍ପାଦନର ଖର୍ଚ୍ଚର ଏକ ଉପାଦାନ ଥିଲା। ଖଣି ଖନନ ଯୋଜନା ଅନୁସାରେ ଖନନଯୋଗ୍ୟ ଗଚ୍ଛିତ ବକ୍ସାଇଟକୁ ବିଚାରକୁ ନେଲେ ଖଣିର ଜୀବନକାଳ 21 ବର୍ଷ ଥିଲା। ଅପ୍ରେଲ 2018ରୁ ଅପ୍ରେଲ 2019 ମଧ୍ୟରେ ବୈଦ୍ୟୁତିକ ନିଲାମ ନିମିତ୍ତ ଓଏମ୍‌ସି ଖଣି ଜୀବନକାଳ 50 ବର୍ଷ ହିସାବ କରିବାରୁ ବାର୍ଷିକ ଆମୋରଟାଇଜେସନ ଖର୍ଚ୍ଚ କମ୍ ହୋଇଯାଇଥିଲା। ସେହିପରି ସମୁଦାୟ ପୂର୍ତ୍ତକାର୍ଯ୍ୟ ଖର୍ଚ୍ଚର କେବଳ ଏକ ଅଂଶ ଅବମୂଲ୍ୟନ ହିସାବ କରିବା ପାଇଁ ନିଆଯାଇଥିଲା ଏବଂ ଅବମୂଲ୍ୟନ ହିସାବ ପାଇଁ ବିଭିନ୍ନ ପୂର୍ତ୍ତକାର୍ଯ୍ୟର ଜୀବନକାଳ 21 ବର୍ଷ ବଦଳରେ 30ରୁ 60 ବର୍ଷ ନିଆଯାଇଥିଲା।

- ପୁନଶ୍ଚ, ବକ୍ସାଇଟର ଉତ୍ପାଦନ ମୂଲ୍ୟ ଚୂଡ଼ାନ୍ତ କରିବା ସମୟରେ ଓଏମ୍‌ସି ଖୋଦିତ ଖଣି ଅଞ୍ଚଳ ପୂରଣ କରିବାର ଖର୍ଚ୍ଚ ଏବଂ ବିନିଯୁକ୍ତ ପୁଞ୍ଜି ଉପରେ ସୁଧକୁ ବିଚାରକୁ ନେଇନଥିଲା ଯାହା ଫଳରେ ବକ୍ସାଇଟର ସର୍ବନିମ୍ନ ମୂଲ୍ୟ କମ୍‌ରେ ମୂଲ୍ୟାଙ୍କନ ହୋଇଥିଲା।

- ଅଧିକନ୍ତୁ, ଏସ୍‌ଡିଏଫ୍ ଖର୍ଚ୍ଚ ପ୍ରଥମ ଓ ଦ୍ୱିତୀୟ ବୈଦ୍ୟୁତିକ ନିଲାମ ସମୟରେ ବିଚାରକୁ ନିଆଯାଇ ନଥିଲା ଯାହାକି ତୃତୀୟ ବୈଦ୍ୟୁତିକ ନିଲାମର ସର୍ବନିମ୍ନ ମୂଲ୍ୟ ଚୂଡ଼ାନ୍ତ ସମୟରେ ଓ ଲୌହପଥର ବିକ୍ରୟ ମୂଲ୍ୟ ହିସାବ କରିବା ସମୟରେ ବିଚାରକୁ ନିଆଯାଇଥିଲା।

ଉପର୍ଯ୍ୟୁକ୍ତ ଉପାଦାନଗୁଡିକୁ ବିଚାରକୁ ନେଲେ, ବୈଦ୍ୟୁତିକ ନିଲାମର ସର୍ବନିମ୍ନ ମୂଲ୍ୟ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବୈଦ୍ୟୁତିକ ନିଲାମ ନିମିତ୍ତ ଟନ୍ ପିଛା 563 ଟଙ୍କା 13 ପଇସା, 778 ଟଙ୍କା 33 ପଇସା ଓ 867 ଟଙ୍କା 67 ପଇସା ଟଙ୍କା ହେବା ଉଚିତ ଯାହାକି ଓଏମ୍‌ସି ଦ୍ୱାରା ଟନ୍ ପିଛା ଯଥାକ୍ରମେ 462 ଟଙ୍କା, 547 ଟଙ୍କା 50 ପଇସା ଓ 672 ଟଙ୍କା 65 ପଇସା ନିର୍ଦ୍ଧାରଣ କରାଯାଇଥିଲା। ଏହିପରି, ବକ୍ସାଇଟ ସର୍ବନିମ୍ନ ମୂଲ୍ୟର ଅସମୁଚିତ ହିସାବ ଯୋଗୁ ବିକ୍ରୟ ମୂଲ୍ୟ କମ୍‌ରେ ଚୂଡ଼ାନ୍ତ ହୋଇଥିଲା। ଏହା ଫଳରେ ଓଏମ୍‌ସି 61.07 କୋଟି ଟଙ୍କା[51] କ୍ଷତି ସହିଥିଲା।

ସରକାର ପ୍ରତ୍ୟୁତ୍ତରରେ କହିଲେ (ସେପ୍ଟେମ୍ବର 2021) ଯେ, ଉପର ସ୍ତରର ମୃତ୍ତିକା ଦ୍ୱାରା ସମବର୍ତ୍ତୀ ସମୟରେ ଗର୍ତ୍ତ ପୂରଣ କରାଯାଉଥିଲା ଏବଂ ଯେହେତୁ ଗର୍ତ୍ତ ପୂରଣ କାର୍ଯ୍ୟ ଠିକାଦାରଙ୍କ କାର୍ଯ୍ୟ ପରିସରରେ ଥିଲା, ଠିକାଦାରଙ୍କୁ ଗର୍ତ୍ତ ପୂରଣ ପାଇଁ କୌଣସି ପୃଥକ ରାଶି ପ୍ରଦାନ କରାଯାଇ ନଥିଲା। ପ୍ରଥମ ତିନିବର୍ଷ ଓ ତିନିମାସ ମଧ୍ୟରେ, ଗର୍ତ୍ତ ପୂରଣ ପାଇଁ କେବଳ 7,92,954 ଘନ ମିଟର ଉପର ସ୍ତର ମୃତ୍ତିକା ପୁନଃ ବ୍ୟବହୃତ ହୋଇଥିଲା। ସରକାର ପୁନଶ୍ଚ କହିଲେ ଯେ, ଏସ୍‌ଡିଏଫ୍ ବ୍ୟୟ ପ୍ରଥମ ତିନିବର୍ଷ ପାଇଁ ବାଧ୍ୟତାମୂଳକ ନଥିଲା ଏବଂ ଅର୍ଥ ଯୋଗାଣ ଖର୍ଚ୍ଚ ଉତ୍ପାଦନ ଖର୍ଚ୍ଚର ଅଂଶବିଶେଷ ନଥିଲା।

---

49 *ଛଅ ମାସ ଅନ୍ତରାଳ ଥାଇ ପ୍ରଥମ ବୈଦ୍ୟୁତିକ ନିଲାମ 04 ଅପ୍ରେଲ 2018ରେ, ଦ୍ୱିତୀୟ ବୈଦ୍ୟୁତିକ ନିଲାମ ୦୩ ଅକ୍ଟୋବର 2018ରେ ଏବଂ ତୃତୀୟ ବୈଦ୍ୟୁତିକ ନିଲାମ 03 ଅପ୍ରେଲ 2019ରେ ହୋଇଥିଲା*

50 *ପ୍ରଥମ ବୈଦ୍ୟୁତିକ ନିଲାମରେ 5,48,795 ଟନ୍, ଦ୍ୱିତୀୟ ବୈଦ୍ୟୁତିକ ନିଲାମରେ 11,41,037 ଟନ୍ ଏବଂ ତୃତୀୟ ବୈଦ୍ୟୁତିକ ନିଲାମରେ 14,96,445 ଟନ୍*

51 *ପ୍ରଥମ ବୈଦ୍ୟୁତିକ ନିଲାମରେ 5.55 କୋଟି ଟଙ୍କା, ଦ୍ୱିତୀୟ ବୈଦ୍ୟୁତିକ ନିଲାମରେ 26.34 କୋଟି ଟଙ୍କା ଏବଂ ତୃତୀୟ ବୈଦ୍ୟୁତିକ ନିଲାମରେ 29.18 କୋଟି ଟଙ୍କା ବିକ୍ରୟ*

ଗର୍ତ୍ତ ପୂରଣ ପାଇଁ ଠିକାଦାରଙ୍କୁ କୌଣସି ପୃଥକ ଦେୟ ପ୍ରଦାନ କରିବାକୁ ନଥିଲା ବୋଲି ସରକାରଙ୍କ ଉତ୍ତରଟି ସଠିକ ନଥିଲା କାରଣ ଗର୍ତ୍ତ ପୂରଣ ଘନମିଟର ପିଛା ବର୍ଦ୍ଧିତ ବା ହ୍ରାସ ହୋଇଥିବା ଦରର 61 ପ୍ରତିଶତ ପ୍ରଦାନ କରିବାକୁ ଚୁକ୍ତି ସର୍ତ୍ତରେ ନିର୍ଦ୍ଧାରିତ ହୋଇଥିଲା। ପୁନଶ୍ଚ ଡିସେମ୍ବର 2017ରୁ ମାର୍ଚ୍ଚ 2021 ମଧ୍ୟରେ ଗର୍ତ୍ତ ପୂରଣ ପାଇଁ 7,92,954 ଘନ ମିଟର ଉପର ସ୍ତର ମୃତ୍ତିକାରେ ହୋଇଯିବ ବୋଲି ସେମାନଙ୍କର ଯୁକ୍ତି ମଧ୍ୟ ଗ୍ରହଣୀୟ ନୁହେଁ କାରଣ ସେହି ସମୟ ମଧ୍ୟରେ 87,52,500 ଟନ୍ ଉତ୍ପାଦନ ପାଇଁ ଅନୁରୂପ ଖୋଦିତ ଅଞ୍ଚଳ 43,76,250 ଘନ ମିଟର ହେବ। ଖଣିର ସର୍ବନିମ୍ନ ତିନି ତାରକା ମାନ ହାସଲ କରିବା ପାଇଁ ଥିବା ପରିମାପ ମଧ୍ୟରୁ ଏସ୍‌ଡିଏଫ୍ ଅନ୍ୟତମ। ଏହି ମାନ ହାସଲ ନକଲେ ଆଇବିଏମ୍ ଖଣି ଖନନ କାର୍ଯ୍ୟ ସ୍ଥଗିତ ରଖିବ। ଓଏମ୍‌ସି ତୃତୀୟ ବୈଦ୍ୟୁତିକ ନିଲାମର ସର୍ବନିମ୍ନ ମୂଲ୍ୟ ଚୂଡ଼ାନ୍ତ କରିବା ସମୟରେ ଉତ୍ପାଦନ ଖର୍ଚ୍ଚରେ ଏସ୍‌ଡିଏଫ୍‌କୁ ବିଚାରକୁ ନେଇଥିଲା। ଅର୍ଥ ଯୋଗାଣ ଖର୍ଚ୍ଚ ଉତ୍ପାଦନ ଖର୍ଚ୍ଚର ଏକ ଅବିଚ୍ଛେଦ୍ୟ ଅଂଶ ଥିଲା କାରଣ ବିନିଯୋଗ ହୋଇଥିବା ଅର୍ଥରାଶି ଯଦି ଅନ୍ୟତ୍ର ବିନିଯୋଗ କରାଯାଇଥାଆନ୍ତା, ତେବେ ଏହା ଉପରେ ଏକ ସ୍ଥାୟୀ ଆୟ ହାସଲର ସୁଯୋଗ ରହିଥିଲା। ଏଣୁ, ଓଏମ୍‌ସି ଅର୍ଥ ଯୋଗାଣ ଖର୍ଚ୍ଚ ସମେତ ଏହି ସମସ୍ତ ପ୍ରାସଙ୍ଗିକ ଖର୍ଚ୍ଚକୁ ଦୂରଦର୍ଶିତାର ସହ ବିଚାରକୁ ନେଇ ଅଟକଳ ମୂଲ୍ୟ ପ୍ରସ୍ତୁତ କରିବା ଉଚିତ ଥିଲା।

ଏହିପରି, ଅସମୁଚିତ ପରିବ୍ୟୟ ଗଣନା ଓ ନିମ୍ନ ସ୍ତରରେ ବକ୍ସଇଟର ସର୍ବନିମ୍ନ ମୂଲ୍ୟ ସ୍ଥିର କରିବାରୁ ଓଏମ୍‌ସି ଏହାର ଆର୍ଥିକ ସ୍ୱାର୍ଥକୁ ରକ୍ଷା କରିବାରେ ବିଫଳ ହୋଇଥିଲା ଓ 61.07 କୋଟି ଟଙ୍କା କ୍ଷତି ସହିଥିଲା ଏବଂ ଫଳସ୍ୱରୂପ ସରକାରଙ୍କ ଦ୍ୱାରା ଅବିରତ ଭାବରେ ବକ୍ସାଇଟ ଯୋଗାଣ କରିବାର କଳ୍ପନାକୁ ମଧ୍ୟ ବିଫଳ କରିଦେଇଥିଲା।

## 6.2 *ଅତିରିକ୍ତ ବ୍ୟୟ*

**ଆନୁତୋଷିକ, ଛୁଟି ଦରମାର ଅନୁପଯୁକ୍ତ ଗଣନା ଏବଂ ସପ୍ତାହିକ ବିଶ୍ରାମ ଦିବସ ପାଇଁ ମଜୁରି ପ୍ରଦାନ କରିବାରୁ 5.31 କୋଟି ଟଙ୍କା ଅତିରିକ୍ତ ବ୍ୟୟ ହୋଇଥିଲା**

ଓଡିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି) ଏହାର ଖଣି ତଥା କାର୍ଯ୍ୟାଳୟରେ ନିରାପତ୍ତା କର୍ମଚାରୀ ନିଯୁକ୍ତ କରିବା ପାଇଁ ନିରାପତ୍ତା ସଂସ୍ଥାମାନଙ୍କଠାରୁ ସେପ୍ଟେମ୍ବର 2015ରେ ଖୋଲା ଟେଣ୍ଡର ଆହ୍ୱାନ କରିଥିଲା। ଟେଣ୍ଡରର ଜବାବରେ 13 ଘରୋଇ ନିରାପତ୍ତା ସଂସ୍ଥା ନିଲାମ ଦାଖଲ କରିଥିଲେ। ବମ୍ବେ ଇଣ୍ଟେଲିଜେନ୍ସ ସିକ୍ୟୁରିଟି (ବିଆଇଏସ୍) ଭାରତ ଲିମିଟେଡ୍ ସର୍ବନିମ୍ନ ନିଲାମ ଡକାଳୀ (ଏଲ୍1) ହୋଇଥିଲା। ଟେଣ୍ଡର ସର୍ତ୍ତର ଧାରା 16 ଅନୁଯାୟୀ 12 ଜଣ ବୈଷୟିକ ଯୋଗ୍ୟତାପ୍ରାପ୍ତ ନିଲାମ ଡକାଳୀଙ୍କୁ ଏଲ୍1 ଦରରେ ସେବା ପ୍ରଦାନ କରିବାକୁ ଚୁକ୍ତି ପୂର୍ବ ଆଲୋଚନା 16 ଜାନୁଆରୀ 2016ରେ କୁହାଯାଇଥିଲା ଯାହାଫଳରେ କାର୍ଯ୍ୟଟି ବିଭିନ୍ନ ସଂସ୍ଥାମାନଙ୍କ ମଧ୍ୟରେ ବଣ୍ଟାଯାଇପାରିବ। ସିକ୍ୟୁରିଟି ସଲ୍ୟୁସନ୍ ସର୍ଭିସେସ୍ (ଏସ୍‌ଏସ୍‌ଏସ୍) ଏବଂ କଳିଙ୍ଗ ୱାରିୟର୍ସ ସିକ୍ୟୁରିଟି ସର୍ଭିସେସ୍ (କେଡବ୍ଲ୍ୟୁଏସ୍‌ଏସ୍) ନାମକ ଅନ୍ୟ ଦୁଇ ସଂସ୍ଥା ଏଲ୍1 ଦରରେ କାର୍ଯ୍ୟ କରିବାକୁ ରାଜି ହୋଇଥିଲେ। ତେଣୁ, ଓଏମ୍‌ସି ସମୁଦାୟ କାର୍ଯ୍ୟକୁ ତିନୋଟି ସଂସ୍ଥା[52] ମଧ୍ୟରେ ଜାନୁଆରୀ 2016ରେ ବାଣ୍ଟି ଦେଇଥିଲା। କିନ୍ତୁ, ଯେହେତୁ ଏସ୍‌ଏସ୍‌ଏସ୍ ନିରାପତ୍ତା କର୍ମଚାରୀ ମୁତୟନ କରିବାରେ ବିଫଳ ହୋଇଥିଲା, ବିଆଇଏସ୍ ଭାରତ ଲିମିଟେଡ୍‌କୁ ଏସ୍‌ଏସ୍‌ଏସ୍‌କୁ ନ୍ୟସ୍ତ କରାଯାଇଥିବା ଅଞ୍ଚଳରେ ନିରାପତ୍ତା କର୍ମଚାରୀ ମୁତୟନ କରିବାକୁ 11 ମାର୍ଚ୍ଚ 2016ରେ କୁହାଯାଇଥିଲା। ପ୍ରଥମେ ଓଏମ୍‌ସି 1 ଫେବୃୟାରୀ 2016ରୁ ଏକ ବର୍ଷ ପାଇଁ ସେବାଚୁକ୍ତି କରିଥିଲା ଯାହାକି 31 ଅଗଷ୍ଟ 2017 ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା।

---

[52] *ଦୈତାରୀ, କୋଇଡା, ଜେ.କେ. ରୋଡ, ବାଙ୍ଗୁର ଓ ଗନ୍ଧମାର୍ଦ୍ଦନ ଅଞ୍ଚଳ ପାଇଁ ବିଆଇଏସ୍; ରାୟଗଡା, ପାରାଦୀପ, ଅନୁଗୋଳ ଓ ଭୁବନେଶ୍ୱର ଅଞ୍ଚଳ ପାଇଁ ମେସର୍ସ କେଡବ୍ଲ୍ୟୁଏସ୍‌ଏସ୍ ଏବଂ ବଡବିଲ ଅଞ୍ଚଳ ପାଇଁ ମେସର୍ସ ଏସ୍‌ଏସ୍‌ଏସ୍*

ଟେଣ୍ଡର ଦସ୍ତାବେଜର ଧାରା ଘ(24) ଅନୁସାରେ ନିରାପତ୍ତା ସଂସ୍ଥାମାନେ ଏପରି ଦେୟ ପ୍ରଦାନ ନିମନ୍ତେ ବିଭିନ୍ନ ସମ୍ପର୍କିତ ଆଇନର ସତନ୍ତ୍ର ଭାବରେ ଅନୁପାଳନ ନିଶ୍ଚିତ କରିବାର ଥିଲା ଏବଂ ଏହା କେବଳ ଆନୁତୋଷିକ ପ୍ରଦାନ ଅଧିନିୟମ 1972, ମଜୁରି ପ୍ରଦାନ ଅଧିନିୟମ 1936, ସର୍ବନିମ୍ନ ମଜୁରି ଅଧିନିୟମ 1948 ମଧ୍ୟରେ ସୀମିତ ହେବାର ନଥିଲା। ସମୀକ୍ଷାରୁ ନିମ୍ନୋକ୍ତ ଅନୁୟମିତତାଗୁଡିକ ପରିଲକ୍ଷିତ କରାଗଲା: -

ସର୍ବନିମ୍ନ ମଜୁରି ନିୟମ 1950ର ଧାରା 23(4) ଅନୁସାରେ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସର୍ବନିମ୍ନ ମଜୁରି ଅଧିନିୟମ ଅଧିନରେ ଅଧିସୂଚିତ ସର୍ବନିମ୍ନ ଦୈନିକ ମଜୁରି ସର୍ବନିମ୍ନ ମାସିକ ମଜୁରିକୁ ସାପ୍ତାହିକ ଗୋଟିଏ ବିଶ୍ରାମ ଦିନ ବିଚାର କରି 26 ଦିନରେ ଭାଗ କରି ନିର୍ଣ୍ଣୟ କରାଯାଏ। ବିଶ୍ରାମ ଦିବସ ପାଇଁ କୌଣସି ମଜୁରି ଦିଆଯିବାର ନାହିଁ। କିନ୍ତୁ ସମୀକ୍ଷାରୁ ଏହା ଜଣାପଡିଲା ଯେ,

- ଓଏମ୍‌ସି ଉପର୍ଯ୍ୟୁକ୍ତ ଅଧିନିୟମକୁ ଅମାନ୍ୟ କରି ଟେଣ୍ଡର ସର୍ତ୍ତ (ଧାରା ଡି-2) ଅନ୍ତର୍ଭୁକ୍ତ କରିଥିଲା ଏବଂ ଅଧିସୂଚିତ ଦୈନିକ ମଜୁରିରେ 26 ଦିନ ବଦଳରେ 30.42 (365/12) ଗୁଣନ କରି ଫେବୃୟାରୀ 2016ରୁ ଅଗଷ୍ଟ 2017 ପର୍ଯ୍ୟନ୍ତ ଅବଧି ପାଇଁ ମାସିକ ମଜୁରି ପ୍ରଦାନ କରିଥିଲା। ଏହା ଫଳରେ 3.34 କୋଟି ଟଙ୍କା ଅଧିକ ଦେୟ ପ୍ରଦାନ କରାଯାଇଥିଲା।

- ଆନୁତୋଷିକ ଅଧିନିୟମ 1972ର ଧାରା 2(ଏସ୍) ଅନୁସାରେ ମଜୁରିରେ ଅଧିଲାଭ, କମିସନ, ଘରଭଡା ଭତ୍ତା, ଅଧିକାଳିକ ଭତ୍ତା ଅନ୍ତର୍ଭୁକ୍ତ ନଥାଏ ଏବଂ କେବଳ ମହଙ୍ଗା ଭତ୍ତା ଅନ୍ତର୍ଭୁକ୍ତ ଥାଏ। ପୂର୍ବ କଥିତ ଅଧିନିୟମକୁ ଅମାନ୍ୟ କରି ଓଏମ୍‌ସି ଟେଣ୍ଡର ଦସ୍ତାବିଜରେ ଧାରା ଡି-2 ଅନ୍ତର୍ଭୁକ୍ତ କରିଥିଲା ଯାହାକି ନିରାପତ୍ତା କର୍ମଚାରୀଙ୍କୁ ଛୁଟି ଦରମା ଓ ଆନୁତୋଷିକ ବାବଦକୁ ମୋଟ ମାସିକ[53] ମଜୁରିର 17.81 ପ୍ରତିଶତ ହାରରେ ପ୍ରଦାନ କରିବାକୁ ବର୍ଣ୍ଣନା କରାଯାଇଥିଲା। ପୁନଶ୍ଚ, ଛୁଟି ଦରମା ଓ ଆନୁତୋଷିକ ପ୍ରଦାନ କରିବା ପାଇଁ ଗଣନା କରାଯାଇଥିବା ମଜୁରିରେ ଅଧିଲାଭ, ଇଏସ୍‌ଆଇ, ଇପିଏଫ୍ ଇତ୍ୟାଦି ଉପାଦାନ ଅନ୍ତର୍ଭୁକ୍ତ କରାଯାଇଥିଲା। ପ୍ରକୃତ ଆନୁତୋଷିକ ଓ ଛୁଟି ଦରମା ଏହି ମଜୁରି ଭିତରେ ପ୍ରଦାନ କରାଯାଇଥିଲା। ଏହିପରି ଆନୁତୋଷିକ ଓ ଛୁଟି ଦରମା ଗଣନା କରିବା ସମୟରେ ସମୁଦାୟ ମଜୁରିରେ ଇଏସ୍‌ଆଇ, ଇପିଏଫ୍ ଓ ଅଧିଲାଭ ଅନ୍ତର୍ଭୁକ୍ତ କରିବାରୁ କମ୍ପାନୀ 01 ଫେବୃୟାରୀ 2016ରୁ 31 ଅଗଷ୍ଟ 2017 ମଧ୍ୟରେ 1.92 କୋଟି ଟଙ୍କା ଅଧିକ ଦେୟ ପ୍ରଦାନ କରିଥିଲା।

ଏହିପରି ଆନୁତୋଷିକ, ଛୁଟି ଦରମାର ଅନୁପଯୁକ୍ତ ଗଣନା ଏବଂ ସାପ୍ତାହିକ ବିଶ୍ରାମ ଦିବସ ପାଇଁ ମଜୁରି ପ୍ରଦାନ ଫଳରେ ନିରାପତ୍ତା ଦେୟ ବାବଦକୁ 5.31 କୋଟି ଟଙ୍କା ଅତିରିକ୍ତ ବ୍ୟୟ ହୋଇଥିଲା।

ସରକାର ଅଗଷ୍ଟ 2021ରେ କହିଲେ ଯେ, ନିରାପତ୍ତା କର୍ମଚାରୀମାନଙ୍କୁ ଚୁକ୍ତି ଧାରା ଡି-2ରେ ଉଲ୍ଲିଖିତ ହାରରେ ମଜୁରି ପ୍ରଦାନ କରାଯାଇଛି। ସରକାର ପୁନଶ୍ଚ କହିଲେ ଯେ, ନିରାପତ୍ତା ସଂସ୍ଥାମାନଙ୍କ ଦ୍ୱାରା ଅନେକ ଭୂତପୂର୍ବ ସୈନିକଙ୍କୁ ନିଯୁକ୍ତି କରାଯାଇଥିଲା ଏବଂ ସେମାନଙ୍କୁ ମଧ ଉପର୍ଯ୍ୟୁକ୍ତ ସର୍ତ୍ତାବଳୀ ଅନୁସାରେ ଦେୟ ପ୍ରଦାନ କରାଯାଇଥିଲା ଯାହାକି ଡିଜିଆର୍ ନିରାପତ୍ତା ସଂସ୍ଥା ପ୍ରଦାନ କରିବାକୁ ଥିବା ମଜୁରି ହାରଠାରୁ କମ୍ ଥିଲା। ସରକାରଙ୍କ ପ୍ରତ୍ୟୁତ୍ତର ଗ୍ରହଣୀୟ ନଥିଲା କାରଣ ନିରାପତ୍ତା ଚୁକ୍ତିଗୁଡିକ ଡିଜିଆର ନିରାପତ୍ତା ଚୁକ୍ତି ଦ୍ୱାରା ଦିଗଦର୍ଶିତ ହୋଇ ନଥିଲା। ପୁନଶ୍ଚ, ଆନୁତୋଷିକ ତଥା ଛୁଟି ଦରମା ଅଧିକ ପ୍ରଦାନ ବିଷୟରେ ସରକାର ଉପର ଅନୁଚ୍ଛେଦରେ ବର୍ଣ୍ଣିତ ସମ୍ପର୍କିତ ଆଇନର ଅନୁପାଳନ ନକରିବା ବିଷୟରେ କୌଣସି ମନ୍ତବ୍ୟ ପ୍ରଦାନ କରିନଥିଲେ।

[53] *ମୂଳ ଦରମା + ପରିବର୍ତ୍ତନୀୟ ମହଙ୍ଗା ଭତ୍ତା (ଭିଡିଏ)+ କର୍ମଚାରୀ ରାଜ୍ୟ ବୀମା (ଇଏସ୍‌ଆଇ)+ କର୍ମଚାରୀ ଭବିଷ୍ୟନିଧି (ଇପିଏଫ୍) + କର୍ମଚାରୀ ଜମା ସଂଯୋଗ ବୀମା*

## ଓଡିଶା ନିର୍ମାଣ ନିଗମ ଲିମିଟେଡ୍

### *6.3 ନିଷ୍ଫଳ ବ୍ୟୟ*

**ଅଗ୍ରୀମ ଆୟକର ପ୍ରଦାନ ପାଇଁ ବାର୍ଷିକ ଆୟର ଅନୁପଯୁକ୍ତ ନିର୍ଦ୍ଧାରଣ କରିବା ଦ୍ୱାରା 3.57 କୋଟି ଟଙ୍କାର ପରିହାର୍ଯ୍ୟ ସୁଧ ପୈଠ**

ଆୟକର ଅଧିନିୟମ, 1961 (ଅଧିନିୟମ)ର ଧାରା 207 ଅନୁଯାୟୀ, ପ୍ରତ୍ୟେକ କରଦାତା ଅଧିନିୟମର ଧାରା 208 ରୁ 209 ଅନୁଯାୟୀ ଏକ ଆର୍ଥିକ ବର୍ଷ (ଏଫ୍‌ୱାଇ) ପାଇଁ ଅଟକଳ ଆୟ ଉପରେ ଅଗ୍ରୀମ କର ଦେବାକୁ ପଡେ। ଯଦି ଆୟକର ପରିମାଣ 10,000 ଟଙ୍କା କିମ୍ବା ଅଧିକ (ଧାରା 208) ହୁଏ ତେବେ ଅଗ୍ରୀମ ଟିକସ ଏବଂ ନିର୍ଦ୍ଦିଷ୍ଟ ହାରରେ (ଧାରା 211) ଚାରୋଟି ଅଗ୍ରୀମ କିସ୍ତିରେ[54] ପ୍ରଦାନ କରାଯାଇଥାଏ। ଶତକଡା 90 ପ୍ରତିଶତ ଟିକସ ଅଗ୍ରୀମ ଜମା କରିବାରେ ବିଫଳ ହେବା ସହିତ ନିର୍ଦ୍ଧାରିତ ସ୍ଲାବ୍ ଅନୁଯାୟୀ ଅଗ୍ରୀମ ଟିକସ ଜମା କରିବାରେ ନିଅଣ୍ଟ ହେଲେ ଧାରା 234ବି ଏବଂ 234ସି ଅନୁଯାୟୀ ପୃଥକ ଭାବରେ ପ୍ରତି ମାସରେ ଏକ ପ୍ରତିଶତ ହାରରେ ସୁଧ ଦେବାକୁ ପଡିଥାଏ। ସୁଧ ପୈଠକୁ ପରିହାର କରିବା ପାଇଁ ଟିକସଯୋଗ୍ୟ ଆୟକୁ ସଠିକ ଭାବେ ଆକଳନ କରିବାକୁ ପଡିଥାଏ ଯାହା ଦ୍ୱାରା ସଠିକ ଅଗ୍ରୀମ ଟିକସ ପୈଠ ହୋଇଥାଏ।

ଓଡିଶା ନିର୍ମାଣ ନିଗମ ଲିମିଟେଡ୍ (ଓସିସିଏଲ୍) 2017-18 ଏବଂ 2018-19 ବର୍ଷ ପାଇଁ ତାର ଆୟ ବଜେଟ୍ ଅଟକଳ/ପୁନଃନିର୍ଦ୍ଧାରିତ[55] ଅଟକଳ ମାଧ୍ୟମରେ ପ୍ରସ୍ତୁତ କରି ତାର ଟିକସ ଦାୟିତ୍ୱ ନିର୍ଦ୍ଧାରଣ କରି ଅଗ୍ରୀମ ଟିକସ ପୈଠ କରିଥିଲା।

ବଜେଟ୍ ଅଟକଳ/ପୁନଃନିର୍ଦ୍ଧାରିତ ଅଟକଳ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଦସ୍ତାବିଜଗୁଡିକର ସମୀକ୍ଷାରୁ ଦେଖାଗଲା ଯେ, ଓସିସିଏଲ୍ ବ୍ୟାଙ୍କ ସ୍ଥାୟୀ ଜମା ଉପରେ ସୁଧ ଆୟ ବାବଦରେ 37 କୋଟି ଟଙ୍କା ପ୍ରତିବଦଳରେ 25 କୋଟି ଟଙ୍କା ଏବଂ 45 କୋଟି ଟଙ୍କା ପ୍ରକୃତ ସୁଧ ପ୍ରତିବଦଳରେ 22 କୋଟି ଟଙ୍କା ଯଥାକ୍ରମେ 2017-18 ଏବଂ 2018-19ରେ ବିଚାର କରିଥିଲା। ତେଣୁ, ଓସିସିଏଲ୍ ଉଭୟ ବର୍ଷ ପାଇଁ ତାର ଜଣାଶୁଣା ଆୟର ଉତ୍ସକୁ ପ୍ରାୟତଃ ଉପେକ୍ଷା କରି ଅଗ୍ରୀମ ଆୟକରକୁ ବିବେକିପୂର୍ଣ୍ଣ ଭାବେ ଅଟକଳ କରିନଥିଲା। ମୋଟ ଆୟ କରର ଶତକଡା 90 ପ୍ରତିଶତ ବା 56.97 କୋଟି ଟଙ୍କା ଅଗ୍ରୀମ କର ଭାବରେ ପ୍ରଦାନ କରିବା ପ୍ରତିବଦଳରେ ଓସିସିଏଲ୍ କେବଳ 33.02 କୋଟି ଟଙ୍କା (ଅଗ୍ରୀମ କର + ଟିଡିଏସ୍) ପ୍ରଦାନ କରିଥିଲା। ସ୍ୱଳ୍ପ ଅଗ୍ରୀମ କର ପୈଠ କରିଥିବାରୁ 3.57 କୋଟି ଟଙ୍କାର ଜୋରିମାନା ସୁଧ ପୈଠ କରିବାକୁ ପଡିଥିଲା ଯାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା: -

**ସାରଣୀ 6.1: ଅଗ୍ରୀମ ଆୟକର କମ୍ ପୈଠ ହେତୁ ଜରିମାନା ସୁଧ ଦିଆଯାଇଥିଲା**

*(ଟଙ୍କା କୋଟିରେ)*

| ବର୍ଷ | ସମୁଦାୟ କର ଦାୟିତ୍ୱ | 90 ଶତକଡା ଅଗ୍ରୀମକର ପ୍ରଦେୟ | ଅଗ୍ରୀମ କର ପୈଠ | | ଟିଡିଏସ୍ | ସମୁଦାୟ କର ପୈଠ | ପରବର୍ତ୍ତୀ ସମୟରେ ପୈଠ ହୋଇଥିବା ଅବଶିଷ୍ଟ କର | ନିଅଣ୍ଟର ଶତକଡା | ଦଣ୍ଡ ସୁଧ ପୈଠ |
|---|---|---|---|---|---|---|---|---|---|
| | | | ପରିମାଣ | ଶତକଡା | | | | | |
| 2017-18 | 36.17 | 32.55 | 5.00 | 13.82 | 15.02 | 20.02 | 16.15 | 44.65 | 1.68 |
| 2018-19 | 27.13 | 24.42 | 0.71 | 2.62 | 9.55 | 10.26 | 16.87 | 62.18 | 1.89 |
| **ମୋଟ୍** | **63.3** | **56.97** | **5.71** | | **24.57** | **30.28** | **33.02** | **52.16** | **3.57** |

*54 15 ଜୁନ୍ କିମ୍ବା ପୂର୍ବରୁ (ଏହି ଅଗ୍ରୀମ କରର 15 ପ୍ରତିଶତରୁ କମ୍ ନୁହେଁ), 15 ସେପ୍ଟେମ୍ବର (ପୂର୍ବ କିସ୍ତିରେ ପ୍ରଦାନ କରାଯାଇଥିବା ପରିମାଣକୁ ମିଶାଇ ଏହି ଅଗ୍ରୀମକରର ଅନ୍ୟୁନ୍ୟ 45 ପ୍ରତିଶତ, 15 ଡିସେମ୍ବର (ପୂର୍ବ କିସ୍ତିଗୁଡିକରେ ପ୍ରଦାନ କରାଯାଇଥିବା ପରିମାଣକୁ ମିଶାଇ ଏହି ଅଗ୍ରୀମ କରର ଅନ୍ୟୁନ୍ୟ 75 ପ୍ରତିଶତ, ଏବଂ ଆର୍ଥିକ ବର୍ଷର 15 ମାର୍ଚ୍ଚ (ପୂର୍ବ କିସ୍ତିଗୁଡିକରେ ପ୍ରଦାନ କରାଯାଇଥିବା ପରିମାଣକୁ ମିଶାଇ ଏହି ଅଗ୍ରୀମ କରର ସମ୍ପୂର୍ଣ୍ଣ ପରିମାଣ)*

*55 ସଂଶୋଧିତ ଆକଳନ ସାଧାରଣତଃ ଆର୍ଥିକ ବର୍ଷର ଫେବୃଆରୀ/ମାର୍ଚ୍ଚ ମାସରେ ପ୍ରସ୍ତୁତ କରାଯାଇଥିଲା*

ଉପର୍ଯ୍ୟୁକ୍ତ ସାରଣୀରୁ ଏହା ଲକ୍ଷ୍ୟ କରାଯାଉଛି ଯେ ଓସିସିଏଲ୍ 2017-18 ଏବଂ 2018-19ରେ 56.97 କୋଟି ଟଙ୍କା ଅଗ୍ରୀମ କର ପ୍ରତିବଦଳରେ ମାତ୍ର 30.28 କୋଟି ଟଙ୍କା ପୈଠ କରିଥିଲା । ଯେହେତୁ 2017-18 ଏବଂ 2018-19ରେ ଓସିସିଏଲ୍ 52.16 ପ୍ରତିଶତ କମ୍ ଅଗ୍ରୀମ ଟିକସ ପୈଠ କରିଥିଲା ଏବଂ ଅଗ୍ରୀମ ଟିକସ କିସ୍ତି ଧାର୍ଯ୍ୟ ହାରଠାରୁ କମ୍ କରିଥିବାରୁ ଓସିସିକୁ 3.57 କୋଟି ଟଙ୍କା ଦଣ୍ଡ ସୁଧ ଅଗଷ୍ଟ 2018ରୁ ଅକ୍ଟୋବର 2018 ଏବଂ ସେପ୍ଟେମ୍ବର 2019ରୁ ଅକ୍ଟୋବର 2019 ମଧ୍ୟରେ ପୈଠ କରିବାକୁ ପଡିଥିଲା ।

ଅଗ୍ରୀମ ଟିକସର ଅନୁଚିତ ନିର୍ଦ୍ଧାରଣ ହେବା ଦ୍ୱାରା ପରିହାର୍ଯ୍ୟ ସୁଧ ପୈଠ କରିବାକୁ ପଡିଥିଲା କାରଣ ଓସିସିଏଲ୍ 2017-18 ଏବଂ 2018-19ରେ ସ୍ଥାୟୀ ବ୍ୟାଙ୍କ ଜମାରୁ ମିଳିଥିବା ସୁଧ 82.24 କୋଟି ଟଙ୍କା (37.55 କୋଟି ଟଙ୍କା ଏବଂ 44.69 କୋଟି ଟଙ୍କା) କୁ ସଠିକ ଭାବରେ ଅଟକଳ କରିନଥିଲା ଯାହାକି ପୁନଃନିର୍ଦ୍ଧାରିତ ଅଟକଳଠାରୁ ଯଥାକ୍ରମେ 50 ଏବଂ 103 ପ୍ରତିଶତ ଅଧିକ ଥିଲା । ରାଜସ୍ୱ ବଳକାର ଆକଳନ ମଧ ମୂଲ୍ୟର ବୃଦ୍ଧି ବାବଦ ରାଜସ୍ୱକୁ ବିଚାର କରି ପ୍ରସ୍ତୁତ କରାଯାଇଥିଲା ।

ଏହିପରି, ଓସିସିଏଲ୍ର ବିତ୍ତ ବିଭାଗ ଦ୍ୱାରା ମୋଟ୍ ଆୟ ଏବଂ ଆୟକର ଦେୟର ଅନୁଚିତ ଅଟକଳ ହେତୁ ଓସିସିଏଲ୍କୁ 3.57 କୋଟି ଟଙ୍କା ପରିହାର୍ଯ୍ୟ ସୁଧ ଦେବାକୁ ପଡିଥିଲା ।

ସରକାର କହିଲେ (ଅଗଷ୍ଟ 2021) ଯେ, ଚୂଡାନ୍ତ ହିସାବ ସମୟରେ ଅଜ୍ଞାତ / ଅପ୍ରତ୍ୟାଶିତ ଭାବେ ପ୍ରକୃତ ଆୟ ବୃଦ୍ଧି ପାଇଥିଲା । ଅପ୍ରତ୍ୟାଶିତ ଭାବେ ଆୟ ବୃଦ୍ଧିର କାରଣଗୁଡିକ ହେଲା ପୂର୍ତ୍ତ କାର୍ଯ୍ୟ, ଯାନ୍ତ୍ରିକ କାର୍ଯ୍ୟର ମୂଲ୍ୟ ବୃଦ୍ଧି ଏବଂ ବ୍ୟାଙ୍କ ଜମା ଉପରେ ସୁଧ । ନିଗମର ଗୁରୁତ୍ୱପୂର୍ଣ୍ଣ ହିସାବ ନୀତି ଅନୁସାରେ, କାର୍ଯ୍ୟର ମୂଲ୍ୟ ବୃଦ୍ଧିକୁ ଗ୍ରାହକଙ୍କ ଦ୍ୱାରା ଗୃହିତ, ପ୍ରକୃତ ପ୍ରାପ୍ତି, ଆଦାୟର ନିଶ୍ଚିତତା ଅନୁସାରେ ହିସାବ କରାଯାଉଥିଲା । ଆର୍ଥିକ ବର୍ଷର ଶେଷ ଭାଗରେ ମୂଲ୍ୟ ବୃଦ୍ଧି ପ୍ରାପ୍ତି ହୋଇଥିଲା । ଉତ୍ତରରେ ଏହା ମଧ କୁହାଯାଇଥିଲା ଯେ ସୁଧ କମ୍ ଆକଳନ କରାଯାଇଥିଲା କାରଣ ବ୍ୟାଙ୍କ ସୁଧ ହାର ହ୍ରାସ ଧାରାରେ ଥିଲା । କିନ୍ତୁ ଜମା ବୃଦ୍ଧି ଏବଂ ପୁରୁଣା ହାରରେ ଜମା ଜାରି ହେତୁ ପ୍ରକୃତ ସୁଧ ଅଧିକ ଆଦାୟ ହୋଇଥିଲା । ଓସିସିଏଲ୍ ବର୍ଦ୍ଧିତ ଲାଭକୁ ବିଚାର କରିନଥିଲା ଯାହା ଦ୍ୱାରା ତ୍ରୈମାସିକ ଅଗ୍ରୀମ କର କମ୍ ଜମା କରାଯାଇଥିଲା ।

ମୂଲ୍ୟ ବୃଦ୍ଧି ଏବଂ ସ୍ଥାୟୀ ବ୍ୟାଙ୍କ ଜମା ଉପରେ ସୁଧକୁ ନିରୂପଣଯୋଗ୍ୟ ନଥିଲା ବୋଲି ସରକାର ବର୍ଣ୍ଣନା କରିଥିଲେ ଯାହାକି ଗ୍ରହଣୀୟ ନୁହେଁ, କାରଣ ଉଭୟକୁ ଚୁକ୍ତିନାମାର ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ଆକଳନ କରାଯାଇ ପାରିଥାନ୍ତା, ସମ୍ପୃକ୍ତ ବ୍ୟାଙ୍କ ମାନଙ୍କ ସହିତ ପରାମର୍ଶ କରି ସୁଧର ପରିମାଣ ସଠିକ ଭାବେ କରାଯାଇ ପାରିଥାନ୍ତା । ଅଧିକନ୍ତୁ, ଲାଭ ବୃଦ୍ଧି ମୁଖ୍ୟତଃ ସ୍ଥାୟୀ ଜମା ଉପରେ ସୁଧ ଯୋଗୁ ହୋଇଥିଲା ଯାହାକି ଉଭୟ ବର୍ଷରେ କମ୍ ଆକଳନ କରାଯାଇଥିଲା । ତେଣୁ, କର୍ତ୍ତୃପକ୍ଷ ପ୍ରଥମ ବର୍ଷର ଭୁଲରୁ ଶିଖିବାରେ ଅବହେଳା କରିଥିଲେ ଏବଂ ପୁନଶ୍ଚ ସ୍ଥାୟୀ ଜମା ଉପରେ ସୁଧ ଏବଂ ଚୁକ୍ତିଭିତ୍ତିକ ଦାବିକୁ ଅଣଦେଖା କରିଥିଲେ ।

## 6.4 ଅହେତୁକ ଅନୁକମ୍ପା

**ସିମେଣ୍ଟର କାଳ୍ପନିକ ଯୋଗାଣ ବାବଦରେ 2.45 କୋଟି ଟଙ୍କା ପରିଶୋଧ କରି ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ**

ଓଡିଶା ନିର୍ମାଣ ନିଗମ ଦେଓ ଜଳସେଚନ, କରଞ୍ଜିଆ ପ୍ରକଳ୍ପର ସ୍ପିଲ୍‌ୱେ, ଲେଫ୍ଟହେଡ୍ ରେଗୁଲେଟର ଏବଂ ଆର୍ଥଡ୍ୟାମ୍ ଅଂଶର ନିର୍ମାଣ କାର୍ଯ୍ୟ ପାଇଁ ଠିକାଦାର ଡିଡି ବିଲଡର୍ସଙ୍କୁ 27.94 କୋଟି ଟଙ୍କାରେ କାର୍ଯ୍ୟାଦେଶ (ମଇ 2015) ପ୍ରଦାନ କରିଥିଲେ। ଚୁକ୍ତିନାମାର ସର୍ତ୍ତ[56] ଅନୁଯାୟୀ, ପ୍ରକଳ୍ପ କାର୍ଯ୍ୟ ପାଇଁ ଆବଶ୍ୟକ ସିମେଣ୍ଟ ଏବଂ ରଡ୍ ଓସିସିଏଲ୍‌କୁ ଯୋଗାଇବାର ଥିଲା। ତଥାପି ଠିକାଦାରଙ୍କ ଅନୁରୋଧ (ମାର୍ଚ୍ଚ 2017) କ୍ରମେ, ଓସିସିଏଲ୍ ଠିକାଦାରଙ୍କୁ ସିମେଣ୍ଟ ଯୋଗାଇବାକୁ ଅନୁମତି (ଅଗଷ୍ଟ 2017) ଦେଲା ଏବଂ ସିମେଣ୍ଟ ବାବଦ ଅର୍ଥ ପ୍ରଦାନ କରିବାର ଥିଲା। ଯୋଗାଣ ବହନପତ୍ର ଅନୁଯାୟୀ, ଠିକାଦାର ଉକ୍ତ କାର୍ଯ୍ୟ ପାଇଁ ନଭେମ୍ବର 2017ରୁ ଜୁଲାଇ 2018 ମଧ୍ୟରେ ଚାରିଜଣ ବିଭିନ୍ନ ଯୋଗାଣକାରୀଙ୍କ[57]ଠାରୁ 88,700 ବ୍ୟାଗ୍ ସିମେଣ୍ଟ କ୍ରୟ କରିଥିଲେ ଏବଂ 3.14 କୋଟି ଟଙ୍କା ପାଇଥିଲା ଯେଉଁଥିରେ 0.69 କୋଟି ଟଙ୍କାର ଦ୍ରବ୍ୟ ଓ ସେବା କର ଅନ୍ତର୍ଭୁକ୍ତ ଥିଲା।

ଠିକାଦାର ଦ୍ୱାରା ପ୍ରଦାନ କରାଯାଇଥିବା ଜିଏସ୍‌ଟି ବହନପତ୍ର ଅନୁଯାୟୀ ଓସିସିଏଲ୍ 0.69 କୋଟି ଟଙ୍କାର ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ (ଆଇଟିସି) ପାଇବା ପାଇଁ ଜିଏସ୍‌ଟି ରିଟର୍ଣ୍ଣ ଦାଖଲ କରିଥିଲା। ଇତି ମଧ୍ୟରେ, ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଅବକାରୀ (ସିଇ), ରାଉରକେଲା (ଅକ୍ଟୋବର/ନଭେମ୍ବର 2018) ତିନୋଟି ସତର୍କ ବିଜ୍ଞପ୍ତି ଜାରି କରିଥିଲା ଯେଉଁଥିରେ ଠକ ସଂସ୍ଥାଗୁଡିକର ନାମ ଦର୍ଶାଯାଇଥିଲା ଯେଉଁମାନଙ୍କର ଭୌତିକ ଅସ୍ତିତ୍ୱ ନଥିଲା ଏବଂ ସେମାନେ ପ୍ରକୃତ ଦ୍ରବ୍ୟ ଯୋଗାଣ ନକରି କେବଳ ନକଲି ବହନପତ୍ର ଜାରି କରି ପ୍ରତାରଣ ମାଧ୍ୟମରେ ଆଇଟିସି ପାରିତ କରିବା ପାଇଁ ଜିଏସ୍‌ଟି ଅଧିନରେ ପଞ୍ଜିକୃତ ହୋଇଥିଲେ। ଉପର୍ଯ୍ୟୁକ୍ତ ବିଜ୍ଞପ୍ତିରେ ଚାରୋଟି ସଂସ୍ଥାର ନାମ ଅନ୍ତର୍ଭୁକ୍ତ ହୋଇଥିଲା ଯେଉଁମାନଙ୍କଠାରୁ ଠିକାଦାର ବହନପତ୍ର ଯୋଗାଡ କରି ଓସିସିଏଲ୍‌କୁ ଦାଖଲ କରିଥିଲେ। ପରବର୍ତ୍ତୀ ସମୟରେ, ଜିଏସ୍‌ଟି କର୍ତ୍ତୃପକ୍ଷ ସେହି ଯୋଗାଣକାରୀଙ୍କ ଜିଏସ୍‌ଟି ପଞ୍ଜିକରଣକୁ ବାତିଲ କରିଥିଲେ।

ଜିଏସ୍‌ଟି ଏବଂ ସିଇର ଯୁଗ୍ମ ଆୟୁକ୍ତ, ଭୁବନେଶ୍ୱର ନକଲି ବହନପତ୍ର ଆଧାରରେ ଓସିସିଏଲ୍ ପ୍ରାପ୍ତ କରିଥିବା ଆଇଟିସିକୁ ପ୍ରତ୍ୟାଖ୍ୟାନ (ନଭେମ୍ବର 2019) କରିଥିଲେ ଏବଂ ପ୍ରାପ୍ତ କରିଥିବା ଆଇଟିସି ସହିତ ଜୋରିମାନା[58] ଫେରସ୍ତ କରିବାକୁ କହିଥିଲେ । ଏହି ତଥ୍ୟ ଠିକାଦାରଙ୍କ ଜ୍ଞାତସାରକୁ ଆସିବା ପରେ, ଜିଏସ୍‌ଟି ଜମାକୁ ନିୟମିତ କରିବା ପାଇଁ ଓସିସିଏଲ୍ ଚଳନ୍ତି ଖାତା ବିଲ୍‌ରୁ ସମ୍ପୃକ୍ତ ରାଶି କାଟିବାକୁ ଅନୁରୋଧ (ଡିସେମ୍ବର 2019) କରିଥିଲେ। ପରବର୍ତ୍ତୀ ସମୟରେ, ଠିକାଦାର ଓସିସିଏଲ୍ ତରଫରୁ ଜିଏସ୍‌ଟି କର୍ତ୍ତୃପକ୍ଷଙ୍କୁ ଆଇଟିସି ଫେରସ୍ତ କରିଥିଲେ।

ସମୀକ୍ଷାରୁ ଦେଖାଗଲା ଯେ:

- ଜିଏସ୍‌ଟି ଏବଂ କେନ୍ଦ୍ରୀୟ ଅବକାରୀ ବିଭାଗର ଅନୁସନ୍ଧାନରୁ ଜଣାଗଲା ଯେ ଉପର୍ଯ୍ୟୁକ୍ତ ସଂସ୍ଥାଗୁଡିକ ଦ୍ରବ୍ୟ ନଯୋଗାଇ ନକଲି ବହନପତ୍ର ଦ୍ୱାରା ଆଇଟିସି ପ୍ରାପ୍ତ କରାଇଛନ୍ତି। ଯଦିଓ ପରିଚାଳନା କର୍ତ୍ତୃପକ୍ଷ ଏବିଷୟରେ ଅବଗତ ଥିଲା (ନଭେମ୍ବର 2019) ତଥାପି ସିମେଣ୍ଟ ଯୋଗାଣର ସତ୍ୟତା ଉପରେ କୌଣସି ବିସ୍ତୃତ ଅନୁସନ୍ଧାନ କରାଯାଇ ନଥିଲା। ସମୀକ୍ଷାରେ ଏହି ପ୍ରସଙ୍ଗଟିକୁ ଦର୍ଶାଯିବା ପରେ, ଓସିସିଏଲ୍ କର୍ତ୍ତୃପକ୍ଷ ଅପ୍ରେଲ 2020ରେ ଆଭ୍ୟନ୍ତରୀଣ ଦୁର୍ନୀତି ନିବାରଣ ଅନୁସନ୍ଧାନ କରିବାକୁ

[56] ଧାରା ସଂଖ୍ୟା 5ର ଚୁକ୍ତିନାମା

[57] ପମେଶ ଟ୍ରେଡର୍ସ, ଅଙ୍କିତ୍ ଏଣ୍ଟରପ୍ରାଇଜର୍ସ, ଗଣପତି ଖଣିଜ ଏବଂ ଇସ୍ପାତ, କ୍ଷୀପ୍ରା କଞ୍ଜୁମର ମାର୍କେଟ

[58] ସିଜିଏସ୍‌ଟି ଅଧିନିୟମ, 2017ର ଧାରା 50 ଏବଂ ଧାରା 74 ଅନୁଯାୟୀ ଦଣ୍ଡ

ନିର୍ଦ୍ଦେଶ ଦେଇଥିଲେ। ଅଧିକନ୍ତୁ, ଅନୁସନ୍ଧାନର ଫଳାଫଳ ସମୀକ୍ଷାକୁ ଏପର୍ଯ୍ୟନ୍ତ ସୂଚନା ଦିଆଯାଇ ନାହିଁ।

- ଜିଏସ୍‌ଟି କର୍ତ୍ତୃପକ୍ଷଙ୍କ ଆଇଟିସି ରାଶି ଓସିସିଏଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ଫେରସ୍ତ କରିବା ପ୍ରମାଣ କରୁଛି ଯେ ଯୋଗାଣ ଏକ କାଳ୍ପନିକ ଥିଲା ଯାହା ବିରୋଧରେ ଓସିସିଏଲ୍ କୌଣସି ପ୍ରମାଣ କରିପାରିଲା ନାହିଁ।

- ଅଧିକନ୍ତୁ, ଏହି ମନ୍ତବ୍ୟକୁ ଦୃଢ଼ିଭୂତ କରିବା ପାଇଁ ସିମେଣ୍ଟ ପରିବହନ ପାଇଁ ଯୋଗାଣ ବାହନପତ୍ରରେ ଉଲ୍ଲେଖ କରାଯାଇଥିବା ଯାନର ନମ୍ବର ଓଡିଶା ସରକାରଙ୍କ 'ବାହାନ' ତଥ୍ୟାବଳିରେ ଯାଞ୍ଚ କରାଯାଇଥିଲା ଏବଂ ଜଣାଗଲା ଯେ, 10ଟି ଯୋଗାଣ ବାହନପତ୍ରରେ 3,920 ବ୍ୟାଗ ସିମେଣ୍ଟ ଦୁଇଚକିଆ ଯାନ/ ଅଟୋ ରିକ୍ସା ମାଧମରେ ପରିବହନ କରାଯାଇଥିଲା ଯାହାର ମୂଲ୍ୟ 11.02 ଲକ୍ଷ ଟଙ୍କା ଥିଲା।

ତେଣୁ, ଠିକାଦାରଙ୍କୁ ପ୍ରଦାନ କରିଥିବା ସିମେଣ୍ଟର ମୂଲ୍ୟ ଅର୍ଥାତ୍ 2.45 କୋଟି ଟଙ୍କା (3.14 – 0.69), ପୁନଶ୍ଚ ଆଦାୟ କରିବା ଆବଶ୍ୟକ ଥିଲା। ଠିକାଦାରଠାରୁ 2.45 କୋଟି ଟଙ୍କା ଆଦାୟ ନହେବା ଦ୍ୱାରା ସିମେଣ୍ଟର ନକଲି/ କାଳ୍ପନିକ ଯୋଗାଣ ବାବଦରେ ଅହେତୁକ ଅନୁକମ୍ପା ଦିଆଗଲା।

ସରକାର କହିଲେ (ଅଗଷ୍ଟ 2021) ଯେ ଉତ୍ପାଦନକାରୀଙ୍କ ଦ୍ୱାରା ସିମେଣ୍ଟର କମ୍ ଯୋଗାଣ ହେତୁ ଠିକାଦାରଙ୍କୁ ସିମେଣ୍ଟ ଯୋଗାଣ କରି ଦାବିପ୍ରାପ୍ତ ପାଇଁ ଅନୁମତି ଦିଆଯାଇଥିଲା। ସରକାରଙ୍କ ଉତ୍ତର ଗ୍ରହଣୀୟ ନଥିଲା କାରଣ, 2016-17 ଏବଂ 2017-18 ମଧରେ ବରାଦ ପରିମାଣର 96 ପ୍ରତିଶତ ଉତ୍ପାଦନ କରି ଯୋଗାଇଥିଲେ। ତେଣୁ ସିମେଣ୍ଟେ ଓସିସିଏଲ୍ ଦାବି ମୁତାବକ ସ୍ୱଳ୍ପ ଯୋଗାଣ ହୋଇନଥିଲା। ସରକାର ପୁନଶ୍ଚ କହିଲେ ଯେ ଜିଏସ୍‌ଟି କର୍ତ୍ତୃପକ୍ଷ ନଭେମ୍ବର 2020 କାରଣ ଦର୍ଶାଅ ବିଜ୍ଞପ୍ତିକୁ ଛାଡ କରିଥିଲେ। ଉତ୍ତରଟି ପ୍ରାସଙ୍ଗିକ ନଥିଲା କାରଣ ଓସିସିଏଲ୍ ଆଇଟିସି ରାଶି ଫେରସ୍ତ କରିଦେବାରୁ ଜିଏସ୍‌ଟି କର୍ତ୍ତୃପକ୍ଷ ଅଭିଯୋଗକୁ ଛାଡି ଦେଇଥିଲେ।

ସରକାର ଆହୁରି ମଧ୍ୟ କହିଥିଲେ ଯେ କ୍ରୟ ସମୟରେ ଯାନର ସତ୍ୟତା ଯାଞ୍ଚ ହୋଇପାରିବ ନାହିଁ କାରଣ ସେହି ସମୟରେ ବାହାନ ତଥ୍ୟାବଳୀ ଉପଲବ୍ଧ ନଥିଲା ଏବଂ ଦେୟ ସମୟରେ ଉପର୍ଯ୍ୟୁକ୍ତ ଚାରୋଟି ସଂସ୍ଥାମାନଙ୍କର ଜିଏସ୍‌ଟିଏନ୍ ବୈଧ ଥିଲା (1 ନଭେମ୍ବର 2017 ରୁ 31 ଜୁଲାଇ 2018)। ଉପରୋକ୍ତ ସଂସ୍ଥାଗୁଡିକ ଜିଏସ୍‌ଟି ଦେଉଛନ୍ତି କି ନାହିଁ ଓସିସିଏଲ୍ ପାଖରେ ଜାଣିବା ପାଇଁ କୌଣସି ସୁବିଧା ନଥିଲା। ଉତ୍ତରଟି ଗ୍ରହଣୀୟ ନଥିଲା କାରଣ ଯାନର ବିବରଣୀ ସାର୍ବଜନୀନ ଅଧିକାର କ୍ଷେତ୍ରରେ ଏବଂ ପରିବହନ ବିଭାଗରେ ଉପଲବ୍ଧ ଥିଲା। ତେଣୁ, ସମୀକ୍ଷା ପ୍ରସଙ୍ଗଟିକୁ ଦର୍ଶାଇବା ପରେ ଅନ୍ତତଃ ପକ୍ଷେ 2.45 କୋଟି ଟଙ୍କା ଠିକାଦାରଠାରୁ ଆଦାୟ କରିବାର ଥିଲା ଯାହାକି ଠିକାଦାର ପ୍ରବଞ୍ଚନାତ୍ମକ ଭାବେ ଦାବି କରିଥିଲା। ଯେହେତୁ ଠିକାଦାର ମାମଲାଟିକୁ ପ୍ରତିବାଦ କରିପାରି ନଥିଲା ଏବଂ ଟଙ୍କା ଫେରସ୍ତ କରିଥିଲା ଏବଂ ପ୍ରବଞ୍ଚନାତ୍ମକ ସଂସ୍ଥା ସହିତ ପୂର୍ବପରି ବ୍ୟବସ୍ଥାର ଜାରି ରଖିବା ଦର୍ଶାଉଛି ଯେ ଠିକାଦାରକୁ ଅହେତୁକ ଅନୁକମ୍ପା ଦର୍ଶାଯାଇଥିଲା। 88,700 ବ୍ୟାଗ ସିମେଣ୍ଟ ବ୍ୟବହାର ନକରିବା କାରଣରୁ କାର୍ଯ୍ୟର ଗୁଣବତ୍ତାରେ ହୋଇଥିବା କ୍ଷତି ଏକ ଅନୁସନ୍ଧାନର ବିଷୟ।

ଭୁବନେଶ୍ୱର
ତାରିଖ

**(ଅନନ୍ତ କିଶୋର ବେହେରା)**
**ପ୍ରଧାନ ମହାଲେଖାକାର (ଲେଖାପରୀକ୍ଷା-II), ଓଡ଼ିଶା**

**ପ୍ରତିସ୍ୱାକ୍ଷରିତ**

ନୂଆ ଦିଲ୍ଲୀ
ତାରିଖ

**(ଗିରୀଶ ଚନ୍ଦ୍ର ମୁର୍ମୁ)**
**ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ**